

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ


The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଛୁକ ଥିଲେ selfiedunia96@gmail.com କିମ୍ବା ୯୦୪୦୦୦୫୦୮୪ ହ୍ୱାଟସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol. 10, Issue. 355, Friday, 19 April 2024, Puri, Pages- 25, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୩୫୫, ଶୁକ୍ରବାର, ୧୯ ଏପ୍ରିଲ୍ ୨୦୨୪, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


### ଅସହ୍ୟ ଗରମ, ଜନଜୀବନ ଅସ୍ତବ୍ୟସ୍ତ

## ୪୩.୬ ଡିଗ୍ରୀ ସହ ଜଳିଲା ଭୁବନେଶ୍ୱର

ଭୁବନେଶ୍ୱର(ବ୍ୟୁରୋ)

ଗୁରୁବାର ଓଡ଼ିଶାର ଅଧିକାଂଶ ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିଛି। ରାଜଧାନୀ ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ାରେ ୪୨.୬ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ବାଲେଶ୍ୱର, ହୀରାକୁଦ, ଚାନ୍ଦବାଲି, କେନ୍ଦୁଝର ଓ ରାଉରକେଲା ଭଳି ସହରରେ ମଧ୍ୟ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ବେଳେ ଦିନରେ ପାରଦ ୪୦ ଡିଗ୍ରୀ ଅତିକ୍ରମ କରିଛି।ଆଜିଠାରୁ ଶନିବାର ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍କୁଲ ବନ୍ଦ ରହିବ ବୋଲି ଓଡ଼ିଶା ସରକାର ଘୋଷଣା କରିଛନ୍ତି।ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁଯାୟୀ, ଆସନ୍ତା ଦୁଇ ଦିନ ମଧ୍ୟରେ ଅନେକ ସ୍ଥାନରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ନୟାଗଡ଼, କନ୍ଧମାଳ, କୋରାପୁଟ, ମାଲକାନଗିରି, ଅନୁଗୁଳ ଓ ବୌଦ୍ଧ ଜିଲ୍ଲାର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର କହିଛି। ଆଜି ଭୁବନେଶ୍ୱରରେ ଦିନ ତାପମାତ୍ରା ୪୩.୬ ଡିଗ୍ରୀ ସେଲସିଅସ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧରେ ୪୩.୫, ଅନୁଗୁଳରେ ୪୩.୩, ଝାରସୁଗୁଡ଼ାରେ ୪୨.୮, ବାରିପଦାରେ ୪୨.୬, ମାଲକାନଗିରିରେ ୪୨.୫, ଟିଟଲାଗଡ଼ରେ ୪୨.୫, ଖୋର୍ଦ୍ଧାରେ ୪୨.୫, ଜଗତସିଂହପୁରରେ ୪୨.୩, ବାଲେଶ୍ୱରରେ ୪୨.୨, ନୂଆପଡାରେ ୪୨.୨ ଓ ତାଳଚେରରେ ୪୨.୨ ଡିଗ୍ରୀ ସେଲସିଅସ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ସମ୍ବଲପୁରରେ ୪୨.୨, ନୟାଗଡରେ ୪୨, ଭବାନୀପାଟଣାରେ ୪୨, ଢେଙ୍କାନାଳରେ ୪୨, ବଲାଙ୍ଗୀରରେ ୪୨, ଯାଜପୁରରେ ୪୧.୮ ପାରଳାଖେମୁଣ୍ଡିରେ ୪୧.୮, ହୀରାକୁଦରେ ୪୧.୬, ବରଗଡ଼ରେ ୪୧.୨, ଚାନ୍ଦବାଲିରେ ୪୧.୨, ନବରଙ୍ଗପୁରରେ ୪୧, ଭଦ୍ରକରେ ୪୧, କେନ୍ଦୁଝରଗଡ଼ରେ ୪୦.୯, ଛତ୍ରପୁରରେ ୪୦.୮, ସୋନପୁରରେ ୪୦.୭, ଫୁଲବାଣୀରେ ୪୦.୪, ରାଉରକେଲାରେ ୪୦.୪, ରାୟଗଡ଼ାରେ ୩୯.୪, ଦେବଗଡ଼ରେ ୩୯, କୋରାପୁଟରେ ୩୮.୨, ଦାରିଙ୍ଗିବାଡ଼ିରେ ୩୭.୫, ପାରାଦୀପରେ ୩୬.୩, ଗୋପାଳପୁରରେ ୩୪.୮ ଓ ପୁରୀରେ ୩୫ ଡିଗ୍ରୀ ସେଲସିଅସ ତାପମାତ୍ରା ରେକର୍ଡ କରାଯାଇଛି।



### ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଇଭିଏମରେ ଅଧିକ ଭୋଟ୍‌ର ଯାଞ୍ଚକର

ନୂଆଦିଲ୍ଲୀ

କେରଳରେ ମକ୍ ପୋଲ୍ ବା ଇଭିଏମ ପରୀକ୍ଷା ଚାଲିଥିଲାବେଳେ ଭାରତୀୟ ଜନତା ପାର୍ଟି ସପକ୍ଷରେ ଅଧିକ ଭୋଟ୍ ପଡ଼ିବା ନେଇ ଅଭିଯୋଗ ଉଠିଛି। ଏହି ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରିବାକୁ ସୁପ୍ରିମ କୋର୍ଟ ଭାରତର ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇଭିଏମର ସମସ୍ତ ଭିଭିପାଟ୍ ଯାଞ୍ଚ ଓ ଗଣତି ନେଇ ଚାଲିଥିବା ମାମଲାର ଶୁଣାଣି ଅବସରରେ ଆସୋସିଏସନ୍ ଫର ଡେମୋକ୍ରାଟିକ ରିଫର୍ମ ବା ଏଡିଆର ପକ୍ଷରୁ ଅଧିବକ୍ତା ପ୍ରଶାନ୍ତ ଭୂଷଣ ମାନ୍ୟବର କୋର୍ଟଙ୍କ ଆଗରେ ଏହି ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସେ ମିଡିଆ ରିପୋର୍ଟ ଉଦ୍ଧାର କରି କେରଳର କସରଗଡ଼ରେ ଇଭିଏମରେ ଗୋଟେ ପାର୍ଟିକୁ ଭୋଟ୍ ଦେଲେ ଆଉ ଗୋଟେ ପାର୍ଟିକୁ ପଳାଉଛି ବୋଲି ଉଲ୍ଲେଖ କରିଥିଲେ। ମାମଲାର ଶୁଣାଣି କରୁଥିବା ବିଚାରପତି ସଞ୍ଜୀବ ଖାନ୍ନା ଓ ଦୀପଙ୍କର ଦତ୍ତ ଅଧିବକ୍ତା ଭୂଷଣଙ୍କ ନିବେଦନକୁ ଗ୍ରହଣ କରି ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତର ନିର୍ବାଚନ କମିଶନଙ୍କୁ ମୌଖିକ ନିର୍ଦ୍ଦେଶ ଦେଇଛନ୍ତି। କେରଳର କସରଗଡ଼ରେ ଇଭିଏମ ପ୍ରଦର୍ଶନ ଯାଞ୍ଚ ଚାଲିଥିଲାବେଳେ ତିନିଟି ଇଭିଏମର ଭିଭିପାଟ୍ ବିଜେପି ସପକ୍ଷରେ ଗୋଟିଏ ଲେଖାଏଁ ଅଧିକ ସ୍ଲିପ୍ ପ୍ରିଣ୍ଟ କରିଥିଲେ। ମୋଟ ଉପରେ ୧୦ଟି ଭିଭିପାଟ୍ ସଂଯୁକ୍ତ ଇଭିଏମ ଥିଲା। ଅଧିକ ବାହାରିଥିବା ଭିଭିପାଟ୍ ସ୍ଲିପରେ ପଦ୍ମ ଚିହ୍ନ ଥିଲା ଓ ଏହା ଗଣତି ପାଇଁ ନୁହେଁ ବୋଲି ଲେଖାଯାଇଥିଲା। ସେଠାକାର କଂଗ୍ରେସ ପ୍ରାର୍ଥୀ ରାଜମୋହନ ଉନ୍ନିଥନଙ୍କ ମୁଖ୍ୟ ନିର୍ବାଚନ ପ୍ରତିନିଧି ଅଧିବକ୍ତା ବିଏମ ଜମାଲ ଏ ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଅଧିବକ୍ତା ପ୍ରଶାନ୍ତ ଭୂଷଣଙ୍କଠାରୁ ଏଭଳି ଶୁଣିଲା ପରେ ସେଠାରେ ଉପସ୍ଥିତ ଥିବା ନିର୍ବାଚନ କମିଶନଙ୍କ ଅଧିବକ୍ତାଙ୍କୁ ଏ ସମସ୍ୟାର ସମାଧାନ କରିବା ପାଇଁ ବିଚାରପତି ମୌଖିକ ନିର୍ଦ୍ଦେଶ ଦେଇଥିଲେ।



## ସ୍ୱେଚ୍ଛାକୃତ ଅବସର ନେଲେ ଆଇପିଏସ୍ ସଂଜୟ ସିଂହ

ଭୁବନେଶ୍ୱର(ବ୍ୟୁରୋ)

ସ୍ୱେଚ୍ଛାକୃତ ଅବସର (ଭିଆରଏସ୍) ନେଲେ ଓଡ଼ିଶା କ୍ୟାଡର IPS ଅଫିସର ସଂଜୟ ସିଂହ। ୧୯୯୬ ବ୍ୟାଚ୍‌ର ଏହି ବରିଷ୍ଠ IPS ଅଧିକାରୀଙ୍କୁ ଭିଆରଏସ୍ ପାଇଁ ଅନୁମତି ମିଳିଛି। ତାଙ୍କ ଆବେଦନକୁ ମଞ୍ଜୁର କରିଛି ରାଜ୍ୟ ଗୃହ ବିଭାଗ। ସଞ୍ଜୟ ସିଂହ ଏବେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଡେପୁଟି ଡିଜି ଭାବେ ଦାୟିତ୍ୱରେ ଥିଲେ। ତେବେ ସେ କାହିଁକି ଭିଆରଏସ୍ ନେଲେ ସେ ସମ୍ପର୍କରେ କୌଣସି ସୂଚନା ମିଳିପାରିନି। ସଞ୍ଜୟ ସିଂହ ଓଡ଼ିଶା ପୁଲିସ୍‌ରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିଲେ। ତା' ସହିତ ସେ ସିବିଆଇରେ ମଧ୍ୟ ଥିଲେ। ସେ ସିବିଆଇରେ ଡିଆଇଜି ରାଙ୍କରେ ଥିଲେ ଓ ଅନେକ ହାଇପ୍ରୋଫାଇଲ କେସ୍‌ର ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ୨୦୨୧ରେ ସେ କେନ୍ଦ୍ରୀୟ ଡେପୁଟେସନରେ ଯାଇଥିଲେ ଓ ତାଙ୍କୁ ନାରକୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋରେ ଡେପୁଟି ଡାଇରେକ୍ଟର ଜେନେରାଲ ବା ଡିଡିଜି ପଦରେ ନିଯୁକ୍ତି ଦିଆଯାଇଥିଲା।

### ରାଜ୍ୟର ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

## ଆରମ୍ଭ ହେଲା ନାମାଙ୍କନପତ୍ର ଦାଖଲ

### ୨୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ୍ ଗ୍ରହଣ

ନୂଆଦିଲ୍ଲୀ

ଦେଶର ଚତୁର୍ଥ ଏବଂ ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ପ୍ରକାଶ ପାଇଛି ବିଜ୍ଞପ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ଆଜିଠୁ ଆରମ୍ଭ ହେବ ନାମାଙ୍କନ ଦାଖଲ ପ୍ରକ୍ରିୟା। ପ୍ରାର୍ଥୀମାନେ ଏପ୍ରିଲ ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରିବେ। ଏପ୍ରିଲ ୨୬ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ଓ ଏପ୍ରିଲ ୨୯ ପ୍ରାର୍ଥୀ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ମେ ୧୩ ତାରିଖରେ ଓଡ଼ିଶାରେ ହେବ ପ୍ରଥମ ପର୍ଯ୍ୟାୟ ଭୋଟ୍।କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ୨୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ୍ ଗ୍ରହଣ ହେବ। କେଉଁଠି କେଉଁ ସମୟରେ ଭେଟ ଗ୍ରହଣ ହେବ ସେନେଇ ମଧ୍ୟ ବିଜ୍ଞପ୍ତିରେ ଦର୍ଶାଯାଇଛି । କଳାହାଣ୍ଡି ଲୋକସଭା କ୍ଷେତ୍ରରେ ଥିବା ନୂଆପଡ଼ା, ଖଡ଼ିଆଳ, ଲାଂଜିଗଡ଼ ବିଧାନସଭା କ୍ଷେତ୍ରରେ ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏଁ ଭୋଟ ଗ୍ରହଣ ହେବ । ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ନର୍ଲାରେ ସକାଳ ୭ଟାରୁ ଅପରାହ୍ଣ ୫ଟା ଯାଏଁ ଭୋଟ ଗ୍ରହଣ ହେବ । ନବରଙ୍ଗପୁର ଲୋକସଭା କ୍ଷେତ୍ରର ଉମରକୋଟ, ଝରିଗାଁ ଓ ଡାବୁଗାଁ ଓ ନବରଙ୍ଗପୁର ବିଧାନସଭା ଆସନରେ ସକାଳ ୭ଟାରୁ ୪ଟା ଯାଏଁ ଭୋଟ ଗ୍ରହଣ ହେବ । କୋଟପାଡ଼, ମାଲକାନଗିରି, ଚିତ୍ରକୋଣ୍ଡାରେ ୭ଟାରୁ ୫ଟା ଭୋଟ ଗ୍ରହଣ ହେବ । ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ପାରଳାଖେମୁଣ୍ଡିରେ ସକାଳ ୭ଟାରୁ ସଂଧ୍ୟା ୬ଟା ଓ କେବଳ ମୋହନାରେ ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏଁ ଭୋଟ ଗ୍ରହଣ ହେବ କୋରାପୁଟ ସଂସଦୀୟ କ୍ଷେତ୍ରର ଗୁଣୁପୁର, ବିଷମକଟକ, ରାୟଗଡ଼ା ଓ କୋରାପୁଟ ବିଧାନସଭା କ୍ଷେତ୍ରରେ ସକାଶ ୭ଟାରୁ ଅପରାହ୍ଣ ୫ଟା ଯାଏଁ ଭୋଟ ଗ୍ରହଣ ହେବ । ସେହିପରି ଲକ୍ଷ୍ମୀପୁର ଓ ପଟାଙ୍ଗୀରେ ସକାଳ ୭ଟାରୁ ଅପରାହ୍ଣ ୪ଟା ଓ ଜୟପୁର ବିଧାନସଭା କ୍ଷେତ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ ।ସୂଚନାଯୋଗ୍ୟ, ଦେଶରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ପଡ଼ିବ ଭୋଟ୍। ପ୍ରଥମ ପର୍ଯ୍ୟାୟରେ ୧୭ ରାଜ୍ୟ ଓ ୪ କେନ୍ଦ୍ରଶାସିତ ଅଞ୍ଚଳର ମୋଟ୍ ୧୦୨ ସିଟ୍ ପାଇଁ ଭୋଟିଂ ହେବ।



## ଆରପାରିରେ ବରିଷ୍ଠ ଅଭିନେତା ସଚ୍ଚି ଦାସ

ଭୁବନେଶ୍ୱର(ବ୍ୟୁରୋ)

ଓଡ଼ିଆ ଚଳଚ୍ଚିତ୍ର, ଧାରାବାହିକ ଜଗତର ପ୍ରଖ୍ୟାତ ଅଭିନେତା ଓ ଯାତ୍ରା ଜଗତର କିମ୍ବଦନ୍ତୀ ନିର୍ଦ୍ଦେଶକ ଡ଼ଃ ସଚ୍ଚି ଦାସଙ୍କର ପୂର୍ବାହ୍ଣ ପ୍ରାୟ ସାଢ଼େ ୯ଟା ରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଦେହାନ୍ତ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା ।ଏହି ଖବର ଜଣା ପଡିବା ପରେ ତାଙ୍କ ଜନ୍ମସ୍ଥାନ ବରୀ ସହିତ ସମଗ୍ର ରାଜ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି । ବିଶେଷ କରି ରାଜ୍ୟର ସମସ୍ତ କଳାକାର ଓ ଅଗଣିତ ଦର୍ଶକଙ୍କୁ ଏହି ଖବର ବ୍ୟଥିତ କରିଛି । ଏକ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ପିଲା ବେଳୁ କଳା ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ରହିଥିଲା । ବୟସ ବଢ଼ିବା ସହିତ ସେ କଳାଜଗତରେ ନିଜକୁ ବେଶ୍ ପ୍ରତିଷ୍ଠିତ କରିଥିଲେ ।ରାଜ୍ୟର କଳାକାରଙ୍କ ମଧ୍ୟରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ରହିଥିଲା। ସେ ଅନେକ ଚଳଚ୍ଚିତ୍ର, ମେଗା ଧାରାବାହିକରେ ଅଭିନୟ କରିବା ସହିତ ଜଣେ ନିର୍ଦ୍ଦେଶକ ଭାବେ ମଧ୍ୟ ବେଶ ସୁନାମ ଅର୍ଜନ କରିଥିଲେ । ବିଶେଷ କରି ଯାତ୍ରା ଜଗତରେ ଜଣେ ନିର୍ଦ୍ଦେଶ ଭାବେ ସେ ବେଶ ସୁନାମ ଓ ଲୋକପ୍ରିୟତା ଅର୍ଜନ କରିଥିଲେ । ତାଙ୍କ ନିର୍ଦ୍ଦେଶନାରେ ଅନେକ ଯାତ୍ରା ବିଶେଷ ଲୋକପ୍ରିୟ ହୋଇ ପ୍ରଶଂସା ସାଉଁଟିଥିଲା ବେଳେ ତାଙ୍କ ନିର୍ଦ୍ଦେଶନାରେ ଶାଗୁଣା ବସିଛି ଡେଣା ମେଲାଇ ନାଟକ ବେଶ ସଫଳ ଓ ଲୋକପ୍ରିୟ ହୋଇଥିଲା ।କଟକରୁ ତାଙ୍କ ମରଶରୀର ବରୀ ଆନନ୍ଦପୁରସ୍ଥିତ ବାସଭବନକୁ ଅଣାଯାଇ ନିଜ ପୈତୃକ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ଜଣାଯାଇଛି ।



### ସେ କହିଲେ...



ରାହୁଲ ୨୦୧୯ରେ ଆମେଠୀ ଲୋକସଭା ଆସନରୁ ହାରିଯାଇଛନ୍ତି, ତେଣୁ ସେ ଏଥର ସେଠାରୁ ନିର୍ବାଚନ ଲଢ଼ିବାକୁ ସାହସ କରିନାହାଁନ୍ତି। ରାହୁଲ ଗାନ୍ଧୀ ପରାଜୟ ପରେ ଉତ୍ତରପ୍ରଦେଶରୁ କେରଳ ପଳାଇଛନ୍ତି। ମୁଁ ଶୁଣିଛି ଯେ ୱାୟାନାଡର ଲୋକମାନେ ତାଙ୍କୁ (ରାହୁଲ ଗାନ୍ଧୀ) ସେମାନଙ୍କର ଏମପି ନକରିବାକୁ ନିଷ୍ପତ୍ତି ନେଇଛନ୍ତି। ଦେଶରେ ବିଭିନ୍ନ ମହାକାଶ କାର୍ଯ୍ୟକ୍ରମ ଓ ପରିଯୋଜନା ଲଞ୍ଚ ହୋଇଛି କିନ୍ତୁ କଂଗ୍ରେସର ଯୁବ ନେତାମାନେ ଗତ ୨୦ବର୍ଷ ମଧ୍ୟରେ ସେଗୁଡ଼ିକୁ 'ଲଞ୍ଚ' କରିବାରେ ସକ୍ଷମ ହୋଇନାହାଁନ୍ତି। 'ରାହୁଲୟାନ' ଆରମ୍ଭ ହୋଇପାରିବ ନାହିଁ କିମ୍ବା ଏହା କୌଣସି ସ୍ଥାନରେ ଅବତରଣ କରିପାରିବ ନାହିଁ।

ରାଜନାଥ ସିଂ
କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ

## ପିକଅପ୍ ଭ୍ୟାନ୍‌ରୁ ୧୦ ଲକ୍ଷ ଟଙ୍କା ଜବତ

ବରଗଡ଼(ଅମୃତ ମିଡିଆ)

ନିର୍ବାଚନ ଆଚରଣ ବିଧି ଲାଗି ହୋଇଥିବା ବେଳେ ୧୦ ଲକ୍ଷ ଟଙ୍କା ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଚାଲାଣ ହେଉଥିଲା। ଗାଡ଼ି ଯାଞ୍ଚ ବେଳେ ବରଗଡ଼ ସଦର ଥାନା ପୁଲିସ୍ ଏତେ ପରିମାଣର ଟଙ୍କା ଜବତ କରିଛି। ଏତେ ପରିମାଣର ଟଙ୍କା କେଉଁଠି ଯାଉଥିଲା, ତାହା ଜଣାପଡ଼ିନଥିବା ବେଳେ ମଧ୍ୟ ପୁଲିସ୍ ଘଟଣାର ତଦନ୍ତ ଚଳାଇଛି। ଗୁରୁବାର ଏକ ପିକ୍‌ଅପ୍ ଭ୍ୟାନରେ ବରଗଡ଼ ସହର ଦେଇ ଦ୍ରୁତ ଗତିରେ ଯାଉଥିଲା। ହଳଦୀପାଲି ଛକଠାରେ ଟାଉନ୍ ଥାନା ପୁଲିସ୍ ଗାଡ଼ିଟିକୁ ଅଟକାଇ ଥିଲା। ଯାଞ୍ଚ ବେଳେ ଗାଡ଼ିରୁ ୧୦ ଟଙ୍କା ମିଳିଥିଲା। ନୋଟ୍ ଗୁଡ଼ିକୁ ଛୋଟ ଛୋଟ ପ୍ୟାକେଟ୍‌ରେ ପ୍ୟାକିଂ ହୋଇଥିଲା। ପୁଲିସ୍ ସେହି ଟଙ୍କା ସମ୍ପର୍କରେ ଗାଡ଼ି ଚାଳକଙ୍କୁ ପଚାରିଥିଲା। ମାତ୍ର ସେ ସନ୍ତୋଷ ଜନକ ଉତ୍ତର ଦେଇପାରି ନଥିଲା। ତେଣୁ ପୁଲିସ୍ ଟଙ୍କା ପ୍ୟାକେଟ୍ ଓ ଗାଡ଼ିକୁ ଜବତ କରିଥିଲା। ଗାଡ଼ି ଚାଳକକୁ ପୁଲିସ୍ ଅଟକ ରଖିଛି। ଚାଳକ ଜଣକ ହେଉଛନ୍ତି ସମ୍ବଲପୁର ଜିଲ୍ଲାର ଚୁଡାମଣି ଦୋରା ବୋଲି ପୁଲିସ୍ କହିଛି। ତେବେ ନିର୍ବାଚନ ଆରଣ ବିଧି ଲାଗୁ ହୋଇଥିବା ବେଳେ ଏତେ ପରିମାଣର ଟଙ୍କା କେଉଁଠୁ ଆସୁଥିଲା ଓ କେଉଁ ଯାଇଥାଆନ୍ତା, ତାହା ଜଣାପଡ଼ି ନାହିଁ।



## ଗାଧୋଇବାକୁ ଯାଇ ଦୁଇଭାଇ ନିଖୋଜ

ଯାଜପୁର(ଅମୃତ ମିଡିଆ)

ଯାଜପୁର ରୋଡ୍ ଥାନା ଜୋକଡ଼ିଆ ଖରସ୍ରୋତା ନଦୀରେ ବୁଡ଼ି ୨ ଭାଇ ନିଖୋଜ ହୋଇଯାଇଛନ୍ତି। ସେମାନେ ହେଉଛନ୍ତି ଶାଶ୍ୱତ ସ୍ୱାଇଁ (୨୪) ଓ ସ୍ୱାସ୍ତିକ ସ୍ୱାଇଁ (୨୧)। ସେମାନଙ୍କ ଘର ଫେରୋକ୍ରମ କଲୋନୀ ନିକଟସ୍ଥ ଶିବାନନ୍ଦ ନଗରରେ। ଆଜି ଦୁଇ ଭାଇ ଗାଧୋଇବାକୁ ଯାଇଥିବାବେଳେ ଏହି ଘଟଣା ଘଟିଛି। ଘଟଣାସ୍ଥଳରେ ଯାଜପୁର ରୋଡ୍ ପୁଲିସ ଓ ଦମକଳ ବାହିନୀ ଉପସ୍ଥିତ ଅଛନ୍ତି। ଦମକଳ ବାହିନୀ ପକ୍ଷରୁ ଖୋଜାଖୋଜି ଜାରି ରହିଛି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନ ତାଳକୁସୁମ ଗାଁରେ ଚିତ୍ରପ୍ରୋଳା ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ସେବକ ରଥ (୨୩)। ଆଜି ତାଙ୍କ ଜେଜେ ମା'ଙ୍କ ଦ୍ୱାଦଶ ଭୋଜି ଚାଲିଥିବା ବେଳେ ସେ ତାଙ୍କର କେତେ ଜଣ ସାଙ୍ଗଙ୍କ ସହିତ ନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ଗାଧୋଉ ଥିବା ବେଳେ ସେ ଭାସି ଯାଇଥିଲେ। ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହିନୀ ଖୋଜା ଖୋଜି କରି ତାଙ୍କୁ ଉଦ୍ଧାର କରିଥିଲେ। ହେଲେ ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

## ସ୍ୱଦେଶୀ ଜ୍ଞାନକୌଶଳ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର(ଅମୃତ ମିଡିଆ)

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଓଡ଼ିଶା ଉପକୂଳର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର୍)ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ରୁଜ୍ କ୍ଷେପଣାସ୍ତ୍ର (ଆଇଟିସିଏମ୍)ର ସଫଳ ପରୀକ୍ଷଣ କରାଯାଇଛି। ପରୀକ୍ଷା ସମୟରେ ସମସ୍ତ ସବ୍ ସିଷ୍ଟମ ଆଶାନୁରୂପ ପ୍ରଦର୍ଶନ କରିଥିଲା। ଏହି କ୍ଷେପଣାସ୍ତ୍ରର କାର୍ଯ୍ୟଦକ୍ଷତାକୁ ରାଡାର, ଇଲେକ୍ଟ୍ରୋ ଅପ୍ଟିକାଲ ଟ୍ରାକିଂ ସିଷ୍ଟମ (ଇଓଟିଏସ) ଏବଂ ଆଇଟିଆର ଦ୍ୱାରା ବିଭିନ୍ନ ସ୍ଥାନରେ ନିୟୋଜିତ ଟେଲିମେଟ୍ରି ଦ୍ୱାରା ନିରୀକ୍ଷଣ କରାଯାଇଥିଲା। ଭାରତୀୟ ବାୟୁସେନାର ସୁ-୩୦-ଏମ୍ କେ-୧ ବିମାନରୁ ମଧ୍ୟ ଏହି କ୍ଷେପଣାସ୍ତ୍ରର ଉଡ଼ାଣ ଉପରେ ନଜର ରଖାଯାଇଥିଲା।ଏହି କ୍ଷେପଣାସ୍ତ୍ର ୱେ ପଏଣ୍ଟ ନେଭିଗେସନ୍ ବ୍ୟବହାର କରି ଆବଶ୍ୟକ ପଥ ଅନୁସରଣ କରିଥିଲା ଏବଂ ଅତ୍ୟନ୍ତ ନିମ୍ନ ଉଚ୍ଚତା ବିଶିଷ୍ଟ ସମୁଦ୍ର-ସ୍କିମିଂ ଉଡ଼ାଣ ପ୍ରଦର୍ଶନ କରିଥିଲା। ବେଙ୍ଗାଲୁରୁସ୍ଥିତ ଗ୍ୟାସ୍ ଟର୍ବାଇନ୍ ରିସର୍ଚ୍ଚ ଏଷ୍ଟାବ୍ଲିସମେଣ୍ଟ (ଜିଟିଆରଇ) ଦ୍ୱାରା ବିକଶିତ ଏହି ସ୍ୱଦେଶୀ ପ୍ରୋପଲସନ ସିଷ୍ଟମ ସଫଳ ଭାବେ କାର୍ଯ୍ୟ କରିଥିବା ଜଣାପଡିଛି। ଏହି କ୍ଷେପଣାସ୍ତ୍ରରେ ଉନ୍ନତ ଏବଂ ବିଶ୍ୱସନୀୟ ପ୍ରଦର୍ଶନ ସୁନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ଆଭିଓନିକ୍ସ ଏବଂ ସଫ୍ଟୱେୟାର ମଧ୍ୟ ରହିଛି। ଏହି କ୍ଷେପଣାସ୍ତ୍ରକୁ ବେଙ୍ଗାଲୁରୁସ୍ଥିତ ଡିଆରଡିଓ ପରୀକ୍ଷାଗାର ଏରୋନୋଟିକାଲ ଡେଭଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ (ଏଡିଇ) ବିକଶିତ କରିବା ସହ ଅନ୍ୟାନ୍ୟ ପରୀକ୍ଷାଗାର ଏବଂ ଭାରତୀୟ ଉଦ୍ୟୋଗର ଯୋଗଦାନ ରହିଛି। ଏହି ପରୀକ୍ଷଣକୁ ଡିଆରଡିଓର ବିଭିନ୍ନ ପରୀକ୍ଷାଗାରର ବହୁ ବରିଷ୍ଠ ବୈଜ୍ଞାନିକ ଓ ପ୍ରତିନିଧିମାନେ ଦେଖିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଇଟିସିଏମର ସଫଳ ଉଡ଼ାଣ-ପରୀକ୍ଷଣ ପାଇଁ ଡିଆରଡିଓକୁ ଅଭିନନ୍ଦନ ଜଣାଇଛନ୍ତି ଏବଂ କହିଛନ୍ତି ଯେ ସ୍ୱଦେଶୀ ପ୍ରୋପଲସନ ଦ୍ୱାରା ପରିଚାଳିତ ସ୍ୱଦେଶୀ ଲମ୍ବା ଦୂରତା ସବସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ବିକାଶ ଭାରତୀୟ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ କ୍ଷେତ୍ରରେ ଏକ ବଡ଼ ମାଇଲଖୁଣ୍ଟ। ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ତଥା ଡିଆରଡିଓ ଅଧ୍ୟକ୍ଷ ଡ. ସମୀର ଭି କାମତ ଆଇଟିସିଏମ୍ ଉତକ୍ଷେପଣର ସଫଳ ପରିଚାଳନା ପାଇଁ ଡିଆରଡିଓର ସମଗ୍ର ଟିମକୁ ଅଭିନନ୍ଦନ ଜଣାଇଛନ୍ତି।

